ଶ୍ରୀ ନାରାୟଣ ଧର୍ମସଙ୍ଗମ ନ୍ୟାସ

ବନାମ

ସ୍ୱାମୀ ପ୍ରକାଶନନ୍ଦ ଏବଂ ଅନ୍ୟାନ୍ୟ

ଏପ୍ରିଲ 9, 1997

[କେ. ରାମସ୍ୱାମୀ ଏବଂ ଡି. ପି. ୱାଧୱା ନ୍ୟାୟାଧୀଶଦ୍ୱୟ]

*ଭାରତର ସମ୍ବିଧାନ, 1950 :*

*ଅନୁଚ୍ଛେଦ 136 - ବିଶେଷ ଅନୁମତି ଆବେଦନ - ପ୍ରାରମ୍ଭରୁ ଖାରଜ - ପକ୍ଷମାନଙ୍କ ମଧ୍ୟରେ ଏକ ଚୂଡ଼ାନ୍ତ ଆଦେଶ ଭାବରେ କାର୍ଯ୍ୟ କରେ ଏବଂ ପରବର୍ତ୍ତୀ ସମୟରେ ଉଚ୍ଚ ନ୍ୟାୟାଳୟ କିମ୍ବା ନ୍ୟାୟାଧିକରଣଙ୍କ ଦ୍ୱାରା ପାରିତ ଯେକୌଣସି ଆଦେଶ ପକ୍ଷମାନଙ୍କ ସମ୍ବନ୍ଧରେ ପୂର୍ବନ୍ୟାୟ ପ୍ରତିବନ୍ଧ ଭାବରେ କାର୍ଯ୍ୟ କରେ ।*

*ମହାରାଷ୍ଟ୍ର ରାଜ୍ୟ ବନାମ ପ୍ରଭାକର ଭୀମାଜୀ ଇଙ୍ଗଲେ,* ***[1996] 3 SCC 463*** *ଏବଂ ଯୋଗେନ୍ଦ୍ର ନାରାୟଣ ଚୌଧୁରୀ ବନାମ ସଂଘ,* ***[1996] 7 SCC 1 ଉପରେ ନିର୍ଭର କରିଥିଲେ ।***

*ଅନୁଚ୍ଛେଦ 32, 226 - ଅନୁଚ୍ଛେଦ 32 ଅନୁଯାୟୀ ଆଜ୍ଞାଦେଶ ଆବେଦନକୁ ପ୍ରାରମ୍ଭରୁ ଖାରଜ କରିବା ପୂର୍ବନ୍ୟାୟ ପ୍ରତିବନ୍ଧ ଭାବରେ କାର୍ଯ୍ୟ କରେ ନାହିଁ- ଅନୁଚ୍ଛେଦ 226 ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ କ୍ଷେତ୍ରାଧିକାର ବାଧାପ୍ରାପ୍ତ ନୁହେଁ ।*

*ଭାରତୀୟ ତୈଳ ନିଗମ ଲିମିଟେଡ୍ ବନାମ ବିହାର ରାଜ୍ୟ,* ***[1986] 3*** **ଏସ୍. ସି. ଆର୍.,** ଉପରେ ନିର୍ଭର କରିଥିଲେ ।

ଦେୱାନୀ ଅପିଲୀୟ କ୍ଷେତ୍ରାଧିକରିତା :ଦେୱାନୀ ଅପିଲ୍ ସଂଖ୍ୟା 3013/1997 ।

C.R.P. ସଂଖ୍ୟା 2727/1994ରେ କେରଳ ଉଚ୍ଚ ନ୍ୟାୟାଳୟର 16.1.96 ତାରିଖର ରାୟ ଏବଂ ଆଦେଶରୁ ଏହି ଆବେଦନ ।

ଆବେଦନକାରୀଙ୍କ ପାଇଁ ପି. ଏସ୍. ପୋଟୀ, ଇ. ଏମ୍. ଏସ୍. ଅନମ ଏବଂ ଫଜଲିନ୍ ଅନମ ।

ଉତ୍ତରଦାତାଙ୍କ ପାଇଁ ଶ୍ରୀମତୀ ଏସ୍. ରେବତୀଙ୍କ ପାଇଁ ଏ. ଏସ୍. ନାମ୍ବିଆର, ସି. ଏସ୍. ଅନନ୍ତଲିଙ୍ଗମ୍, ଏସ୍. ବାଲକ୍ରିଷ୍ଣନ, ଏସ୍. ପ୍ରସାଦ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ମଞ୍ଜୁର କରାଗଲା । ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ କେରଳ ଉଚ୍ଚ ନ୍ୟାୟାଳୟର ଜାନୁଆରୀ 16, 1996ରେ ଆର.ପି. ସଂଖ୍ୟା 204/95 ଏବଂ ସି.ଆର.ପି. ସଂଖ୍ୟା 2724/94ରେ ଦିଆଯାଇଥିବା ରାୟରୁ ଉପୃନ୍ନ ହୋଇଛି ।

ଶ୍ରୀ ନାରାୟଣ ଧର୍ମସଙ୍ଗମ ନ୍ୟାସ ସମିତିର ନିର୍ବାଚନ ସମ୍ପର୍କରେ ବିବାଦ ସୃଷ୍ଟି ହୋଇଛି । ଏହି ନ୍ୟାସ 26 ମାର୍ଚ୍ଚ 1959ରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରସ୍ତୁତ ଯୋଜନା ଅନୁଯାୟୀ ପରିଚାଳିତ ହୁଏ । ଯେହେତୁ ନିର୍ବାଚିତ ସଂସ୍ଥାର କାର୍ଯ୍ୟକାଳ 10.8.94 ରେ ସମାପ୍ତ ହେବାକୁ ଥିବାରୁ, 4.7.94ରେ ନ୍ୟାସ ପରିଷଦ 26.7.94ରେ ନିର୍ବାଚନ କରିବାକୁ ନିଷ୍ପତ୍ତି ନେଇଥିଲା । 26.7.94ରେ ଅନୁଷ୍ଠିତ ନିର୍ବାଚନର ବୈଧତାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା ଏବଂ ମକଦ୍ଦମା ଦାୟର କରାଯାଇଥିଲା । 22.11.94ରେ ବିଜ୍ଞ ଅଧସ୍ତନ ବିଚାରପତି, ଆଟିଙ୍ଗଲ୍ ଦ୍ୱାରା ଓ.ଏସ୍. ସଂଖ୍ୟା 247/94 ରେ ଅପିଲୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଡିସେମ୍ବର 2, 1994ରେ C.M.A. ସଂଖ୍ୟା 167/94ରେ ଦିଆଯାଇଥିବା ଅନ୍ତରୀଣ ଆଦେଶ ବିରୁଦ୍ଧରେ, ଅପିଲୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପାରିତ ଅନ୍ତରୀଣ ଆଦେଶ ବିରୁଦ୍ଧରେ ସି. ଆର୍. ପି. ସଂଖ୍ୟା 2727/94 ଦାଖଲ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ 19 ଜୁନ୍ 1995ର ରାୟ ଦ୍ୱାରା ପୁନଃ ନିରୀକ୍ଷଣକୁ ଅନୁମତି ଦେଇଥିଲେ, ଅପିଲୀୟ କର୍ତ୍ତୃପକ୍ଷଙ୍କ ଆଦେଶକୁ ବାତିଲ କରିଥିଲେ ଏବଂ କିଛି ନିର୍ଦ୍ଦେଶ ଦେଇଥିଲେ । ସେହି ପ୍ରସଙ୍ଗକୁ ଆହ୍ୱାନ କରି S.L.P. (C) ସଂଖ୍ୟା 13667/95 ଏହି ନ୍ୟାୟାଳୟରେ ଦାଖଲ କରାଯାଇଥିଲା । ଏହି ନ୍ୟାୟାଳୟ 29 ଜୁନ୍ 1995ରେ ନିମ୍ନଲିଖିତ ଆଦେଶ ପାରିତ କରିଥିଲେ :

> "ଏହା ଏକ ବ୍ୟକ୍ତିଗତ ମାମଲା ଏବଂ ତାହା ମଧ୍ୟ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ଦ୍ୱାରା ହୋଇଥିବାରୁ ଆମେ ହସ୍ତକ୍ଷେପ କରିବାର କୌଣସି କାରଣ ପାଉନାହୁଁ । S.L.P.କୁ ଖାରଜ କରାଯାଇଛି । ତଥାପି, ବିଚାର କରୁଥିବା ନ୍ୟାୟାଳୟକୁ ଏହି ଆଦେଶ ପ୍ରାପ୍ତ ହେବାର ତାରିଖରୁ ଛଅ ମାସ ମଧ୍ୟରେ ଯଥାସମ୍ଭବ ଶୀଘ୍ର ମକଦ୍ଦମାକୁ ଫଏସଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।"

ଏହା ପରେ, ପୁନରୀକ୍ଷଣରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶର ସମୀକ୍ଷା ପାଇଁ ଏକ ଆବେଦନ ଦାଖଲ କରାଯାଇଥିଲା, ଯାହାକୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଆଦେଶ ଏହି ନ୍ୟାୟାଳୟର ଆଦେଶ ସହିତ ମିଶ୍ରଣ ହୋଇଗଲା ବୋଲି ନିର୍ଣ୍ଣିତ କରି ଖାରଜ କରି ଦିଆଯାଇଥିଲା । ଫଳସ୍ୱରୂପ, ଉଚ୍ଚ ନ୍ୟାୟାଳୟ ଏହି ଆଦେଶକୁ ସମୀକ୍ଷା କରିପାରିବେ ନାହିଁ । ତେଣୁ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ।

ଆବେଦନକାରୀଙ୍କ ପକ୍ଷରୁ ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ପି.ଏସ୍. ପୋଟି ଯୁକ୍ତି ରଖିଛନ୍ତି ଯେ ଏହି ନ୍ୟାୟାଳୟ ଯୋଗ୍ୟତା ଆଧାରରେ ଏହି ମାମଲାଟିର ନିଷ୍ପତ୍ତି ନେଇ ନଥିଲେ । ଯେତେବେଳେ ନଥିରେ ସ୍ପଷ୍ଟ ତ୍ରୁଟି ଦେଖାଦିଏ, ଏହା ସର୍ବଦା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସମୀକ୍ଷାଯୋଗ୍ୟ ଏବଂ ତେଣୁ, S.L.P.କୁ ଖାରଜ କରିବାର ଆଦେଶ ଚୂଡ଼ାନ୍ତ ଆଦେଶ ଭାବରେ କାର୍ଯ୍ୟ କରେ ନାହିଁ । ତେଣୁ, ଉଚ୍ଚ ନ୍ୟାୟାଳୟର ତାଙ୍କ ଆଦେଶର ସମୀକ୍ଷା କରିବାର କ୍ଷମତା ରହିଛି । ଆମେ ଏହି ଯୁକ୍ତିରେ କୌଣସି ଯଥାର୍ଥତା ପାଉନାହୁଁ । *ମହାରାଷ୍ଟ୍ର ରାଜ୍ୟ ବନାମ ପ୍ରଭାକର ଭୀମାଜୀ ଇଙ୍ଗଲେ*, [1996] 3 SCC 463 ରେ ଏହି ନ୍ୟାୟାଳୟ ସମାନ ବିବାଦ ଉପରେ ବିଚାର କରିଛନ୍ତି। ଏଥିରେ ଥିବା ତଥ୍ୟ ହେଉଛି ଯେ ମହାରାଷ୍ଟ୍ର ପ୍ରଶାସନିକ ନ୍ୟାୟାଧିକରଣ O.A. ସଂଖ୍ୟା 1169/93 ରେ ଏକ ଆଦେଶ ପାରିତ କରିଥିଲେ ଯାହା ବିରୁଦ୍ଧରେ S.L.P. ଏହି ନ୍ୟାୟାଳୟରେ ଦାୟର କରାଯାଇଥିଲା । ଏହାକୁ ଏହି ନ୍ୟାୟାଳୟ ଅଗଷ୍ଟ 28, 1993 ରେ ଖାରଜ କରିଦେଇଥିଲେ S.L.P. ବିଚାରାଧୀନ ଥିବାରୁ, ନ୍ୟାୟାଧିକରଣରେ ଏକ ସମୀକ୍ଷା ଆବେଦନ ଦାୟର କରାଯାଇଥିଲା । ନ୍ୟାୟାଧିକରଣ ତାଙ୍କ ଆଦେଶର ସମୀକ୍ଷା କରିଥିଲେ । ଯେତେବେଳେ ସେହି ଆଦେଶକୁ ଆପତ୍ତି କରାଯାଇଥିଲା, ଏହି ନ୍ୟାୟାଳୟ ଏହିପରି ନିର୍ଣ୍ଣୟ କରିଥିଲେ : "

> ୪. କିନ୍ତୁ ଏହି ମାମଲାରେ, ଯେତେବେଳେ ଏହି ନ୍ୟାୟାଳୟ ଦ୍ୱାରା ସେହି ମୁଖ୍ୟ ଆଦେଶକୁ ନିଶ୍ଚିତ କରାଯାଇଥିଲା, ସେତେବେଳେ ପ୍ରଶ୍ନ ଉଠେ ଯେ ନ୍ୟାୟାଧିକରଣଙ୍କ ଆଦେଶ 47, ନିୟମ 1CPC କିମ୍ବା ନ୍ୟାୟାଧିକରଣ ଆଇନ ଅନୁଯାୟୀ ଅନ୍ୟ କୌଣସି ଉପଯୁକ୍ତ ବ୍ୟବସ୍ଥା ଅନୁଯାୟୀ ଅନୁମତି ପ୍ରଦାନ କରିବାକୁ ପ୍ରତ୍ୟାଖ୍ୟାନ କରି ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏବଂ ଏହି ନ୍ୟାୟାଳୟ ଦ୍ୱାରା ନିଶ୍ଚିତ କରାଯାଇଥିବା ଆଦେଶଗୁଡ଼ିକୁ ସମୀକ୍ଷା କରିବାର କ୍ଷମତା ଅଛି କି ? ଆମେ ଜାଣିବାକୁ ପାଉଛୁ ଯେ ସମୀକ୍ଷା କ୍ଷମତାର ବ୍ୟବହାର ନ୍ୟାୟିକ ଶୃଙ୍ଖଳା ପାଇଁ କ୍ଷତିକାରକ । ଥରେ ଏହି ନ୍ୟାୟାଳୟ ନ୍ୟାୟାଧିକରଣଙ୍କ ଦ୍ୱାରା ପାରିତ ଆଦେଶକୁ ନିଶ୍ଚିତ କରିଦେଲେ, ତାହା ଚୂଡ଼ାନ୍ତ ହୋଇଯାଏ । ତେଣୁ,

ନ୍ୟାୟାଧିକରଣର ପୂର୍ବ ଆଦେଶକୁ ସମୀକ୍ଷା କରିବାର କୌଣସି କ୍ଷମତା ରହିପାରିବ ନାହିଁ ଯାହା ଏହି ନ୍ୟାୟାଳୟ ଦ୍ୱାରା ପାରିତ ଆଦେଶ ସହିତ ମିଶ୍ରଣ ହୋଇଯାଏ ।

5. ଉତ୍ତରଦାତାଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା ଏହା ପରେ ଯୁକ୍ତି କରାଯାଇଛି ଯେ ଯଦିଓ ନ୍ୟାୟାଧିକରଣ 25.8.1995ତାରିଖର ଏହି ନ୍ୟାୟାଳୟଙ୍କ ଆଦେଶ ସହିତ ଯୋଗାଯୋଗ କରାଯାଇଥିଲା, ତଥାପି ଏହା ପରେ ଆଦେଶ ପାରିତ କରିଛି । ଏହାର ଅର୍ଥ ହେବ ଯେ ଯଦିଓ ଏହା ଏହି ନ୍ୟାୟାଳୟ ଦ୍ୱାରା ପାରିତ ଆଦେଶକୁ ଖାରଜ କରିବା ବିଷୟରେ ଏହାର ଜ୍ଞାନ ଥିଲା, ନ୍ୟାୟାଧିକରଣ ସମୀକ୍ଷା କରିବାର କ୍ଷମତା କାର୍ଯ୍ୟକାରୀ କରିଛି ଏବଂ ତେଣୁ, ଏହାକୁ ଅବୈଧ ବୋଲି କୁହାଯାଇପାରିବ ନାହିଁ । ଆମେ ବିଜ୍ଞ ଅଧିବକ୍ତାଙ୍କ ଯୁକ୍ତିକୁ ପ୍ରଶଂସା କରିବାରେ ସମ୍ପୂର୍ଣ୍ଣ ଅସମର୍ଥ । ଆମେ ପ୍ରଶଂସା କରିପାରିବା ଯେ ଯଦି ନ୍ୟାୟାଧିକରଣ SLP ଖାରଜ କରିବାର କୌଣସି ଜ୍ଞାନ ନଥାନ୍ତା ତେବେ ଏହା କିଛି ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଏହାର ପୂର୍ବ ଆଦେଶକୁ ସମୀକ୍ଷା କରିପାରିବ, ଯଥା, ଯଦି ଏହା ଜଣାପଡେ ଯେ ନଥିରେ ଆଇନର କୌଣସି ସ୍ପଷ୍ଟ ତ୍ରୁଟି ଦ୍ୱାରା ଆଦେଶଟି ଅସିଦ୍ଧ ହୋଇଛି । କିନ୍ତୁ ଏହି ନ୍ୟାୟାଳୟ ପୂର୍ବରୁ ତାଙ୍କ ଆଦେଶକୁ ବଜାୟ ରଖିଛନ୍ତି ବୋଲି ସୂଚନା ପାଇବା ପରେ, ନ୍ୟାୟାଧିକରଣ କ୍ଷମତା ପ୍ରୟୋଗକୁ ଦାମ୍ଭିକ ଏବଂ କୌଣସି ନ୍ୟାୟିକ ଶୃଙ୍ଖଳା ବିନା ହୋଇଥିବାର କୁହାଯାଇପାରେ । ସେହି ପରିସ୍ଥିତିରେ, ଆମେ ଭାବୁନାହୁଁ ଯେ ନ୍ୟାୟାଧିକରଣ ନିଜର ଆଦେଶର ସମୀକ୍ଷା କରିବାରେ ଯଥାର୍ଥ ଅଟନ୍ତି ଯେତେବେଳେ ଏହି ନ୍ୟାୟାଳୟ ପୂର୍ବରୁ ପାରିତ ଆଦେଶକୁ ନିଶ୍ଚିତ କରିଥିଲେ । "

ତେଣୁ, ଥରେ ଏହି ନ୍ୟାୟାଳୟ ଏକ ଆଦେଶ ପାରିତ କରିବା ପରେ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶ ଏହି ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶ ସହିତ ମିଶ୍ରଣ ହୋଇଛି । ଏହା ପରେ, ଉଚ୍ଚ ନ୍ୟାୟାଳୟ/ନ୍ୟାୟାଧିକରଣ ଆଦେଶ ସମୀକ୍ଷା କରିବାର କ୍ଷେତ୍ରାଧିକାରରୁ ବଞ୍ଚିତ । ଏହି ପ୍ରଶ୍ନଟି *ଯୋଗେନ୍ଦ୍ର ନାରାୟଣ ଚୌଧୁରୀ ବନାମ ଭାରତ ସଂଘ [1996] 7 SCC 1ରେ* ମଧ୍ୟ ପୁନରାବୃତ୍ତି କରାଯାଇଥିଲା, ତଦନୁଯାୟୀ :

"ଏହା ଏକ ସ୍ଥିରୀକୃତ ଆଇନ ଯେ କାରଣ ନ ଦର୍ଶାଇ ପ୍ରାରମ୍ଭରେ ବିଶେଷ ଅନୁମତି ଆବେଦନର ଖାରଜ ମଧ୍ୟ ପୂର୍ବ ନ୍ୟାୟ ଭାବରେ କାର୍ଯ୍ୟ କରେ ନାହିଁ ।" ଏହି ପରିସ୍ଥିତିରେ, ଆମର ମତ ହେଉଛି ଯେ CAT, କଲିକତାର ପରବର୍ତ୍ତୀ ବିଚାରପୀଠ ଏବଂ କଟକ

ବିଚାରପୀଠର ଦୃଷ୍ଟିକୋଣ ଉପରୋକ୍ତ ଯୁକ୍ତି ସହିତ ସ୍ପଷ୍ଟ ଭାବରେ ସୁସଙ୍ଗତ ।ତେଣୁ, ଆମେ ଦେଖୁ ନାହୁଁ ଯେ ହସ୍ତକ୍ଷେପକୁ ସମର୍ଥନ କରୁଥିବା ଉପଯୁକ୍ତ ମାମଲା ଅଛି । "

ଏହି ପରିସ୍ଥିତିରେ, ଆମର ମତ ହେଉଛି ଯେ CAT, କଲିକତାର ପରବର୍ତ୍ତୀ ବିଚାରପୀଠ ଏବଂ କଟକ ବିଚାରପୀଠର ଦୃଷ୍ଟିକୋଣ ଉପରୋକ୍ତ ଯୁକ୍ତି ସହିତ ସ୍ପଷ୍ଟ ଭାବରେ ସୁସଙ୍ଗତ ।

ତେଣୁ, ଏହା ଏକ ସ୍ଥିରୀକୃତ ଆଇନ ଯେ ପ୍ରାରମ୍ଭରୁ ବିଶେଷ ଅନୁମତି ଆବେଦନର ଖାରଜ ମଧ୍ୟ ପକ୍ଷମାନଙ୍କ ମଧ୍ୟରେ ଏକ ଚୂଡ଼ାନ୍ତ ଆଦେଶ ଭାବରେ କାର୍ଯ୍ୟ କରେ ଏବଂ ପରବର୍ତ୍ତୀ ସମୟରେ ଉଚ୍ଚ ନ୍ୟାୟାଳୟ କିମ୍ବା ନ୍ୟାୟାଧିକରଣ ଦ୍ୱାରା ପ୍ରଦତ୍ତ ଯେକୌଣସି ଆଦେଶ ପକ୍ଷମାନଙ୍କ ଦୃଷ୍ଟିରୁ ଏକ ପୂର୍ବ ନ୍ୟାୟ ଭାବରେ କାର୍ଯ୍ୟ କରେ । ଏହା ସତ୍ୟ ଯେ *ଭାରତୀୟ ତୈଳ ନିଗମ ଲିମିଟେଡ୍ ବନାମ ବିହାର ରାଜ୍ୟ,* [1986] 3 SCR 558 ରେ, ଏହି ନ୍ୟାୟାଳୟ ଦର୍ଶାଇଥିଲେ ଯେ ଯେତେବେଳେ ପ୍ରାରମ୍ଭରେ ଏହି ନ୍ୟାୟାଳୟ ଦ୍ୱାରା ଆଜ୍ଞାଦେଶ ଆବେଦନ ଖାରଜ କରାଯାଇଥିଲା, ସେତେବେଳେ ଅନୁଚ୍ଛେଦ 226 ଅନୁଯାୟୀ ଉଚ୍ଚ ନ୍ୟାୟାଳୟର କ୍ଷେତ୍ରାଧିକାରକୁ ବାରଣ କରାଯାଇ ନାହିଁ । ଅନୁଚ୍ଛେଦ 32 ଅନୁଯାୟୀ ଆଜ୍ଞାଦେଶ ଆବେଦନର ଖାରଜ ପୂର୍ବ ନ୍ୟାୟ ଭାବରେ କାର୍ଯ୍ୟ କରେ ନାହିଁ । ସେହି ନୀତି ଆଦେଶ 47 ନିୟମ 1 ଅନୁଯାୟୀ ଏକ ସମୀକ୍ଷା ଆଦେଶ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏହି ପରିସ୍ଥିତିରେ, ଆମର ମତ ହେଉଛି ଯେ ଉଚ୍ଚ ନ୍ୟାୟାଳୟ ପୁନରୀକ୍ଷଣରେ ପାରିତ ସମୀକ୍ଷା ଆଦେଶ କରିବାକୁ ପ୍ରତ୍ୟାଖ୍ୟାନ କରିବା ଯଥାର୍ଥ । ତଥାପି, ଯେହେତୁ ନଥିଗୁଡ଼ିକ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଆହ୍ୱାନ କରାଯାଇଛି ଏବଂ ପ୍ରସଙ୍ଗର ବିଚାରାଧୀନ ଅଛି, ତେଣୁ ବିଚାର କରୁଥିବା ନ୍ୟାୟାଳୟ ଏହି ନ୍ୟାୟାଳୟ ଦ୍ୱାରା ପୂର୍ବରୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପ୍ରସଙ୍ଗର ଫଏସଲା କରିପାରିଲେ ନାହିଁ । ତେଣୁ, ପ୍ରସଙ୍ଗର ସମାଧାନ ନହେବା ପାଇଁ ଆମେ ବିଚାର କରୁଥିବା ନ୍ୟାୟାଳୟର ତ୍ରୁଟି ଖୋଜିପାରିବୁ ନାହିଁ । ତଥାପି, ଦେୱାନୀ ନ୍ୟାୟାଳୟକୁ ପୂର୍ବରୁ ସୂଚିତ କରାଯାଇଥିବା ମକଦ୍ଦମାକୁ ଛଅ ମାସ ମଧ୍ୟରେ ଫଏସଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ତଦନୁଯାୟୀ ଆବେଦନକୁ ଖାରଜ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ୍.

ଆବେଦନକୁ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

ରାମଚନ୍ଦ୍ର ସାହୁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।